# ସୁଭାବ ଓ ସ୍ୱଭାବ

କୁକୁର ଗଳାରେ ଯଦି ଖଞ୍ଜିବ କେଶର,
ସିଂହ ନୋହି ଚାଟିବ ସେ ଅଇଁଠା ପତର।
ସୁବର୍ଣ୍ଣ ଅମାରୀ ଯୋଗେ ମଣ୍ଡିଲେ ଶୂକର,
ସମ ହେବ ନାହିଁ ଗଜରାଜ ଶାବକର।

ବରଡ଼ାଳ ଭୁଞ୍ଜି ତାର ତୃପ୍ତି ହେବ ନାହିଁ,
ତା ଖାଦ୍ୟ ଲୋଡ଼ିବ ଗ୍ରାମ ଉପକଣ୍ଠେ ଯାଇ।
ଚଣ୍ଡାଳକୁମାର ନାମ ହେଲେ ରାଜାରାମ,
ହୁଏ ନାହିଁ ଦାଶରଥି ସମ ଗୁଣାଧାମ।

ଚୋର ଯେବେ ବସିଥିବ ଜପାମାଳୀ ଧରି,
ପରଧନ ଲୋଭ ତାର ହୃଦେ ଥିବ ଭରି।
କିନ୍ତୁ ନୀଚ ଉଚ୍ଚ ହେବା ନିମନ୍ତେ ଶକତି,
ମାନବକୁ ଦେଇଛନ୍ତି ଜଗତର ପତି।

କୁକୁର ସମାନ ନୀଚ ଥିବ ଯେଉଁ ଜନ,
ଶିକ୍ଷା ଫଳେ ହେବ ନର ମଧ୍ୟେ ପଞ୍ଚାନନ।
ଶୂକର ସମାନ ଯାର ଥିବ ନୀଚବୁଦ୍ଧି,
ଗଜେନ୍ଦ୍ର ସମାନ ଭଲେ ହୋଇଯିବ ବୃଦ୍ଧି।

ଚଣ୍ଡାଳ କୁଟୀରେ ଜନ୍ମ ହେଲେ କିସ ହେବ,
ସାଧୁତାରେ ନର ମଧ୍ୟେ ହୋଇପାରେ ଦେବ।
ଚୋର ଯଦି ନିରନ୍ତର ସାଧୁସଙ୍ଗ କରେ,
ଜଗତର ହିତ ଚିନ୍ତା ହେବ ତା ମନରେ।

ତଥାପି ଅନେକ ଥାନ୍ତି ସ୍ୱଭାବ ଦୁର୍ଜନ,
କରି ନୁହେ ତାଙ୍କ ପ୍ରାଣେ ସୁଭାବ ସର୍ଜନ।
ନାନା ଶିକ୍ଷା ଦେଇ ତାଙ୍କୁ ବହୁ ଯତ୍ନ କର,
ବଳେ ନେଇ ଦିବ୍ୟ ଭାବ ହୃଦେ ତାଙ୍କ ଭର।

ଭିନ୍ନ ଭାବେ ଉପୁଜିବ ସୁଶିକ୍ଷାର ଫଳ,
ରହିଥିବେ ମାତ୍ର ସେହୁ ଯେ ଖଳ ସେ ଖଳ।